# ଅଙ୍ଗନବାଡି କେନ୍ଦ୍ରରେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ପୁଷ୍ଟିକର ଖାଦ୍ୟର ବିବରଣୀ

ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ, ଓଡିଶା ସରକାରଙ୍କ ପତ୍ର ସଂଖ୍ୟା (WCD-ICDS(NTN-SNP)-MISR-0002-2013, Dated 28.06.13) ଅନୁଯାୟୀ ପୂର୍ବ ପ୍ରଚଳିତ ମାର୍ଗଦର୍ଶିକାରେ ନିମ୍ନଲିଖିତ ସଂଶୋଧନ କରାଯାଇ ୧ଜୁଲାଇ ୨୦୧୩ ଦିନଠାରୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

## ୧. ରାସନ ଖର୍ଚ୍ଚ ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମ (SNP)

| ହିତାଧିକାରୀ | ଦୈନିକ ପ୍ରତି ହିତାଧିକାରୀ (ପୂର୍ବ ମାନକ) (ଟଙ୍କାରେ) | ଦୈନିକ ପ୍ରତି ହିତାଧିକାରୀ (ସଂଶୋଧିତ ମାନକ) (ଟଙ୍କାରେ) |
|---|---|---|
| ଶିଶୁ (୬ମାସରୁ ୬ବର୍ଷ) | ୪.୦୦ | ୬.୦୦ |
| ଅତିପୁଷ୍ଟିହୀନ ଶିଶୁ (୬ମାସରୁ ୬ବର୍ଷ) | ୬.୦୦ | ୯.୦୦ |
| ଗର୍ଭବତୀ ମହିଳା ଓ ପ୍ରସୂତୀ ମା | ୫.୦୦ | ୭.୦୦ |

(ଶିଶୁଙ୍କ ପାଇଁ ଥିବା ଦୈନିକ ମୂଲ୍ୟରେ ଜଳଖିଆ, ଚାଉଳର ଦାମ, ପରିବହନ, ଜାଳେଣି ଓ ମସଲାମସଲୀ ଖର୍ଚ୍ଚ ଅର୍ନ୍ତଭୁକ୍ତ)

## ୨. ସକାଳ ଜଳଖିଆ ନିମନ୍ତେ ସାପ୍ତାହିକ ସୂଚୀ (୩-୬ ବର୍ଷର ଶିଶୁ ପାଇଁ)

| ଦିନର ନାମ | ଜଳଖିଆ |
|---|---|
| ସୋମବାର ଓ ଗୁରୁବାର | ଗଜାମୁଗ (୨୦ ଗ୍ରାମ୍ ଓ ଚିନିରେ ପ୍ରସ୍ତୁତ) |
| ମଙ୍ଗଳବାର, ବୁଧବାର ଓ ଶନିବାର | ଚୁଡା ଲଡୁ (୪୦ ଗ୍ରାମ୍ ଚୁଡା ଓ ଚିନି/ଗୁଡରେ ପ୍ରସ୍ତୁତ) |

ଏତଦ୍ ବ୍ୟତୀତ ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଋତୁକାଳୀନ ପାଚିଲା ଫଳ ମଧ୍ୟ ଜଳଖିଆରେ ଦିଆଯାଇପାରିବ ।

## ୩. ଗରମ ରନ୍ଧା ଖାଦ୍ୟ ନିମନ୍ତେ ସାପ୍ତାହିକ ସୂଚୀ (୩-୬ ବର୍ଷର ଶିଶୁ ପାଇଁ)

| ଦିନର ନାମ | ଖାଦ୍ୟ ସୂଚୀ | ଖାଦ୍ୟର ଉପାଦାନ | |
|---|---|---|---|
| ସୋମବାର ଓ ଗୁରୁବାର | ଭାତ ଓ ଡାଲମା | ୮୦ ଗ୍ରାମ ଚାଉଳରେ | ୩୦ ଗ୍ରାମ ଡାଲି, ୩ଗ୍ରାମ ତେଲ, ୫୦ଗ୍ରାମ ଆଳୁ ଓ ଅନ୍ୟାନ୍ୟ ପନିପରିବା ଓ ୨୦ ଗ୍ରାମ ସଜନା ଶାଗରେ ପ୍ରସ୍ତୁତ ଡାଲମା |
| ମଙ୍ଗଳବାର | ଭାତ ଓ ସୋୟାବଡି | ୮୦ ଗ୍ରାମ ଚାଉଳରେ | ୨୫ଗ୍ରାମ ସୋୟାବଡି, ୩ଗ୍ରାମ ତେଲ, ୫୦ ଗ୍ରାମ ଆଳୁ ଓ ଅନ୍ୟନ୍ୟା ପନିପରିବାରେ ପ୍ରସ୍ତୁତ ଆଳୁ ସୋୟାବଡି ତରକାରୀ |
| ବୁଧବାର, ଶୁକ୍ରବାର ଶନିବାର | ଭାତ ଓ ଅଣ୍ଡା ତରକାରୀ | ୮୦ଗ୍ରାମ ଚାଉଳରେ ପ୍ରସ୍ତୁତ ଭାତ | ୧ଟି ଅଣ୍ଡା, ୩ଗ୍ରାମ ତେଲ ଓ ୫୦ ଗ୍ରାମ ଆଳୁ ଓ ପିଆଜରେ ପ୍ରସ୍ତୁତ ଅଣ୍ଡା ତରକାରୀ |

## ୪. ଘରକୁ ନେବା ଶୁଖିଲା ଖାଦ୍ୟ (ଛତୁଆ ଓ ଅଣ୍ଡା)

| ହିତାଧିକାରୀ | ଅଣ୍ଡା/ରାଶି ଲଡୁ | ପ୍ରାପ୍ୟ (ଦୈନିକ) | ମୋଟ୍ ପରିମାଣ | ବଳକା ଛତୁଆ (୧୫% ପ୍ରସ୍ତୁତ କ୍ଷତି ପରିମାଣ ବାଦ୍ | ମୂଲ୍ୟ (ଟଙ୍କାରେ) |
|---|---|---|---|---|---|
| ସାଧାରଣ ଶିଶୁ (୬) | ସପ୍ତାହକୁ ଗୋଟିଏ | ୧୬୦ | ୨କେଜି | ୧.୭୫ କେଜି (ଆକାଶ ନୀଳ) | ୬ |

| | | | | | |
|---|---|---|---|---|---|
| ମାସରୁ ୩ବର୍ଷ<br>ଅତି ପୃଷ୍ଟିହୀନ ଶିଶୁ | ସିଝା ଅଣ୍ଡା ୨ଟି<br>ସପ୍ତାହକୁ ୨ଟି | ୨୪୦ | ୩କେଜି | ୨.୫୫୦କେଜି | ୯ |
| ମାସରୁ ୬ମାସରୁ ୩ବର୍ଷ<br>ଗର୍ଭବତୀ ମହିଳା ଓ | ସିଝା ଅଣ୍ଡା<br>ସପ୍ତାହକୁ ୨ଟି | ୨୦୦ | ୨.୫କେଜି | (ନାଲିରଙ୍ଗ)<br>୨.୧୨୫ କେଜି | ୭ |
| ପ୍ରସୂତୀ ମା<br>ଅତି ପୁଷ୍ଟିହୀନ ଶିଶୁ<br>୩ ବର୍ଷରୁ -୬ ବର୍ଷ) | ମାସକୁ ୧୦୦ଗ୍ରାମ୍<br>ବିଶିଷ୍ଟ ଗୋଟିଏ ପ୍ୟାକେଟ୍ | ୮୦ | ୨କେଜି<br>(ମାସକୁ) | ୧.୭୫୦ କେଜି<br>(ନାଲିରଙ୍ଗ) | ୩ |

## ୫. ଅଣ୍ଡା ବଣ୍ଟନ ବ୍ୟବସ୍ଥା

| | |
|---|---|
| ସାଧାରଣତଃ ଶିଶୁ | ଗୋଟିଏ ସିଝା ଅଣ୍ଡା ପ୍ରତ୍ୟେକ ବୁଧବାର ଦିନ ଅଙ୍ଗନୱାଡି କେନ୍ଦ୍ରରେ ଖାଇବା ପାଇଁ ଦିଆଯିବ, ଯଦି ସେ କୌଣସି ଅନିବାର୍ଯ୍ୟ କାରଣରୁ ଆସିନପାରିଲେ ଗୋଟିଏ କଞ୍ଚା ଅଣ୍ଡା ଘରକୁ ନେବା ପାଇଁ ଦିଆଯିବ । |
| ଅତି ପୁଷ୍ଟିହୀନ ଶିଶୁ<br>୬ମାସରୁ ୩ବର୍ଷ) | ସପ୍ତାହକୁ ଦୁଇଟି ସିଝା ଅଣ୍ଡା ଦିଆଯିବ, ଗୋଟିଏ ସିଝା ଅଣ୍ଡା ବୁଧବାର ଓ ଅନ୍ୟଟି ଶନିବାର ଦିନ ଅଙ୍ଗନୱାଡି କେନ୍ଦ୍ରରେ ଖାଇବା ପାଇଁ ଦିଆଯିବ, ଯଦି ଯେ କୌଣସି ଅନିବାର୍ଯ୍ୟ କାରଣରୁ ଆସିନପାରିଲେ ସପ୍ତାହକୁ ଦୁଇଟି କଞ୍ଚା ଅଣ୍ଡା ଘରକୁ ନେବା ପାଇଁ ଦିଆଯିବ । |

**ଗର୍ଭବତୀ ମହିଳା ଓ ପ୍ରସୂତୀ ମା**

## ୬. ଅଣ୍ଡା ସମ୍ବନ୍ଧୀୟ କେତେକ ନିହାତି ଜାଣିବା ତଥ୍ୟ

- ଅଣ୍ଡାର ଆକାର ସମାନ ଓ ମଧ୍ୟମ ଧରଣର ଓ ଆକୃତି ଦୀର୍ଘବୃତ୍ତାକାର (ଅଣ୍ଡାକୃତି) ହେବା ଉଚିତ୍ ।
- ଗୋଟିଏ ମାନକ ବା ଆଦର୍ଶ ଅଣ୍ଡାର ଓଜନ ୪୫.୫୯ ଗ୍ରାମ ଥାଏ ।
- ଅଣ୍ଡାର ରଙ୍ଗ ଚକ୍ ପରି ଧଳା ବା ମାଟିଆ ରଙ୍ଗ ହେବା ଉଚିତ ।
- ଅଣ୍ଡା ଦେବାର ୨୮-୩୫ ଦିନ ପର୍ଯ୍ୟନ୍ତ ବ୍ୟବହାର ଉପଯୋଗୀ ଅଟେ ।
- ଅଣ୍ଡା ଖୋଳପା ଫାଟଶୂନ୍ୟ ଓ ସଫା ରହିବା ଉଚିତ ।
- ଖରାପ ଅଣ୍ଡା ହାଲୁକା ଲାଗେ ଓ ସେଥିରୁ କଟୁ ଗନ୍ଧ ବାହାରେ ।

 ୧. ଗୋଟିଏ ପାତ୍ରକୁ ପାଣିରେ ଭର୍ତ୍ତି କରାଯାଇ ଅଣ୍ଡାକୁ ସତର୍କତାର ସହିତ ସେଥିରେ ପକାଯାଉ ।
 ୨. ଯଦି ଅଣ୍ଡା ପାଣିରେ ସାଙ୍ଗେ ସାଙ୍ଗେ ବୁଡି ସବା ତଳେ ସମତଳ ଭାବରେ ରହିଲା, ତେବେ ତାହା ସତେଜ ଅଟେ ।
 ୩. ଯଦି ଅଣ୍ଡା ପାଣିରେ ବୁଡି ପତଳା ଅଂଶ ତଳମୁହାଁ ହୋଇ ତଳେ ଲାଗିଲା ଓ ମୋଟା ଅଂଶ ଜଳସ୍ତରର ଉପରିଭାଗ ପଟେ ଉପରମୁହାଁ ରହିଲା, ତେବେ ଅଣ୍ଡା ବ୍ୟବହାର ଯୋଗ୍ୟ ଅଟେ ।
 ୪. ଯଦି ଅଣ୍ଡା ପାଣିରେ ନ ବୁଡି ଜଳସ୍ତରର ଉପରିଭାଗରେ ଭାସିଲା, ତେବେ ତାହା ସତେଜ ନୁହେଁ ଓ ତାହା ପଚା ହୋଇଥାଇପାରେ, ଯାହାକୁ ବର୍ଜନ କରିବା ଉଚିତ ।

ଆପଣଙ୍କ ନିମିତ୍ତ ଉଦ୍ଦିଷ୍ଟ ଖାଦ୍ୟ ଅଧିକାର ଓ ଅଙ୍ଗନୱାଡ଼ି କେନ୍ଦ୍ର ତରଫରୁ ଦିଆଯାଉଥିବା ସୁବିଧା ପାଉନଥିଲେ ନିମ୍ନ ଠିକଣାରେ ଯୋଗଯୋଗ କରନ୍ତୁ ।
**ଶ୍ରୀମତୀ ଆରତୀ ଆହୁଜା**, କମିଶନର ତଥା ଶାସନ ସଚିବ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ,
ଓଡ଼ିଶା ସରକାର, ସଚିବାଳୟ, ଭୁବନେଶ୍ୱର, ଫୋନ୍ ନଂ - ୦୬୭୪-୨୫୩୬୭୭୫

ଅଧିକ ଜାଣିବା ପାଇଁ ଓ ଆପଣଙ୍କ ଅଞ୍ଚଳର ଅନୁଭୂତି ଜଣେଇବା ପାଇଁ ଯୋଗାଯୋଗ କରନ୍ତୁ :
**ୟୁଥ୍ ଫର ସୋସିଆଲ୍ ଡେ଼ଭଲ୍‌ପମେଣ୍ଟ୍**
୬ ମେଡ଼ିକାଲ ବ୍ୟାଙ୍କ କଲୋନୀ, ବାପୁଜୀ ନଗର, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା
ହେଲପ୍ ଲାଇନ୍ ନଂ : ୦୬୮୦-୬୪୫୦୮୦୪, E-mail cacbam@gmail.com